## କେଲୁଆପଲୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଇଏସ୍‌ଓ ମାନ୍ୟତା

ଗୋପାଳପୁର, (ଡି.ଏନ୍.ଏ.): ରଙ୍ଗେଇଲୁଣ୍ଡା ବ୍ଲକର କେଲୁଆପଲୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଇଏସ୍‌ଓର ପ୍ରମାଣ ପତ୍ର ମିଳିଛି। ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଓପିଡ଼ି, ଆଇପିଡ଼ି, ଜରୁରିକାଳୀନ ସେବା, ନିଦାନ କାର୍ଯ୍ୟକ୍ରମ ଅଧୀନରେ ନିରାକରଣ ସେବା, ନିରାମୟ ଅଧୀନରେ ମାଗଣା ଔଷଧ ବଣ୍ଟନ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା, ଟିକାକରଣ, କାଉନସେଲିଂ ଆଦି ପାଇଁ ଆଇଏସ୍‌ଓର ପ୍ରମାଣ ପତ୍ର ମିଳିଛି। ସେହିପରି ଭଞ୍ଜବିହାରସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ ଉନ୍ନତମାନର ସ୍ୱାସ୍ଥ୍ୟସେବା ପ୍ରଦାନ କରିବା କ୍ଷେତ୍ରରେ ଆଇଏସ୍‌ଓ ମାନ୍ୟତା ପାଇଛି।



### | ପିକ୍‌ନିକ୍ ସ୍ପଟ୍ |

# ‘ଢୁ ଢୁଆ’ ଜଳପ୍ରପାତ


‘ଢୁ ଢୁଆ’ ଜଳପ୍ରପାତ

ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରପୂର ଖୋର୍ଦ୍ଧା ଜିଲା। ପାହାଡ଼, ଜଙ୍ଗଲ, ନଦୀ, ଝରଣା, ଆଦିବାସୀ ସଂସ୍କୃତି ଏବଂ ବିଭିନ୍ନ ମନ୍ଦିର ଜିଲାକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଏଠାରେ ରହିଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀ ତଥା ପିକ୍‌ନିକ ସ୍ପଟଗୁଡ଼ିକ ଜିଲା, ରାଜ୍ୟ, ଦେଶ ସମେତ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଏହା ମଧ୍ୟରେ ଅନ୍ୟତମ ହେଲା ଜିଲାର ବାଣପୁର ବ୍ଲକ ନୀଳାଦ୍ରିପ୍ରସାଦ ପଞ୍ଚାୟତ ଅଧୀନ ବରବରା ଜଙ୍ଗଲ ମଧ୍ୟରେ ରହିଥିବା ‘ଢୁ ଢୁଆ’ ଜଳପ୍ରପାତ। ଲୁକ୍କାୟିତ ହୋଇ ରହିଥିବା ଏହି ଜଳପ୍ରପାତ ସମ୍ପର୍କରେ କିଛିବର୍ଷ ପୂର୍ବେ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟ ଲୋକଙ୍କଠାରୁ ସୂଚନା ମିଳିଥିଲା। ଏହି ଖବର ପ୍ରଚାରିତ ହେବା ପରେ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି। ବଣଭୋଜି ପାଇଁ ଏହି ସ୍ଥାନ ଅନୁକୂଳ ହୋଇଥିବା ବେଳେ ପ୍ରପାତରେ ଗାଧୋଇବା ମଧ୍ୟ ନିରାପଦ। ପର୍ଯ୍ୟଟକମାନେ ଏଠାକାର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ନିକଟରେ ଥିବା ପ୍ରସିଦ୍ଧ ମା’ ବିରଜାଈ ଠାକୁରାଣୀ, ମା’ ତାରିଣୀ ପୀଠ ଏବଂ ବାଣପୁରର ମା’ ଭଗବତୀଙ୍କ ପୀଠ ଦର୍ଶନ କରିପାରିବେ। ତେବେ ଏହି ଜଳପ୍ରପାତକୁ ପର୍ଯ୍ୟଟକ କିଭଳି ବହୁ ସଂଖ୍ୟାରେ ଆସିପାରିବେ ଏବଂ ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

### କେମିତି ଯିବେ

ବାଣପୁରଠାରୁ ୨୦କିଲୋମିଟର ଦୂରରେ ରହିଛି ନୀଳାଦ୍ରିପ୍ରସାଦ ଗ୍ରାମ। ସେଠାରୁ ମା’ ବିରଜାଈ ମନ୍ଦିର ରାସ୍ତାରେ ୨କି.ମି. ଅତିକ୍ରମ କଲେ ପଡ଼ିବ ବ୍ରହ୍ମପଦା ପ୍ରାଥମିକ ବିଦ୍ୟାଳୟ। ଉକ୍ତ ବିଦ୍ୟାଳୟ ପାର୍ଶ୍ୱ ଦେଇ ଯାଇଛି ଏକ ମାଟି ରାସ୍ତା। ଏହି ରାସ୍ତାରେ ଏକ କିଲୋମିଟର ଗଲେ ପଡ଼ିବ ଡିମିରି ସାହି। ସାହି ପାର୍ଶ୍ୱ ଦେଇ ପାଦଚଲା ରାସ୍ତାରେ ୫୦ମିଟର ପରେ ‘ଢୁ ଢୁଆ’ ଜଳପ୍ରପାତରେ ପହଞ୍ଚିପାରିବେ।

– ରିପୋର୍ଟ: ସଂଗ୍ରାମ ପାଇକରାୟ, ବାଲୁଗାଁ

# ଗଞ୍ଜାମରୁ ଫେରିନି ୨୯.୧୦ଲକ୍ଷ

**ରାଶନକାର୍ଡଧାରୀଙ୍କୁ ୧ହଜାର ଟଙ୍କା ବଣ୍ଟନ ପ୍ରସଙ୍ଗ**
**ପୁଣି ଆସିଲା ଚିଠି**

ଛତ୍ରପୁର,୧୦।୧(ଡି.ଏନ୍.ଏ.)

କରୋନା ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାରେ ଥିବା ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଖାଉଟୀ କଲ୍ୟାଣ ଯୋଜନାରେ ରାଶନକାର୍ଡଧାରୀଙ୍କୁ ୧ହଜାର ଟଙ୍କା ଲେଖାଏ ବଣ୍ଟନ ପାଇଁ ସରକାରଙ୍କ ପକ୍ଷରୁ ଜିଲାପାଳଙ୍କ ନିକଟକୁ ଅନୁଦାନ ଆସିଥିଲା। ଏବେମଧ ଏହି ଅନୁଦାନରୁ ୨୯ଲକ୍ଷ ୧୦ହଜାର ଟଙ୍କା ବଣ୍ଟନ ନହୋଇ ଜିଲା ପ୍ରଶାସନ ନିକଟରେ ରହିଥିବା ଜଣାପଡିଛି। ପୁଣି ଏହି ଅନୁଦାନ ଫେରାଇବାକୁ ୭ ତାରିଖରେ ଓଡିଶା ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କ ଠାରୁ ଏକ ଚିଠି (ନଂ.୩୬୯) ଗଞ୍ଜାମ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ନିକଟକୁ ଆସିଛି। ବାରମ୍ବାର ଚିଠି ଆସୁଥିଲେ ହେଁ, ଉତ୍ତର ଦିଆଯାଇ ନଥିବା ଉକ୍ତ ପତ୍ରରେ କୁହାଯାଇଛି। ପୂର୍ବରୁ ଏହି ଅର୍ଥ ଫେରାଇବାକୁ ୨୦୨୦ ନଭେମ୍ବର ୧୧ ଓ ୨୭ରେ ଯୋଗାଣ ନିଗମ ପକ୍ଷରୁ ଗଞ୍ଜାମ ଜିଲା ଯୋଗାଣ ଅଧିକାରୀଙ୍କ ନିକଟକୁ ଚିଠି ଆସିଥିଲା। କରୋନା ସମୟରେ ପ୍ରତି ରାଶନକାର୍ଡ ଧାରୀଙ୍କୁ ୧ହଜାର ଟଙ୍କା ଦେବାକୁ ଓଡିଶା ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ଗଞ୍ଜାମ ଜିଲାକୁ ୭୬କୋଟି ୧୯ଲକ୍ଷ ୫୧ହଜାର ୯୦୭ଟଙ୍କା ଆସିଥିଲା। ୭୨କୋଟି ୯୬ଲକ୍ଷ ୪୮ହଜାର ଟଙ୍କାର ୟୁସି (ବିନିଯୋଗ ପ୍ରମାଣପତ୍ର) ନିଗମକୁ ପଠାଯାଇଛି। ପରେ ବଳକା ଅର୍ଥରୁ ୨କୋଟି ୯୩ଲକ୍ଷ ୯୩ହଜାର ୯୦୭ଟଙ୍କା ନିଗମକୁ ଫେରାଇଯାଇଥିବା ଜଣାପଡିଛି। ଏବେବି ୨୯ଲକ୍ଷ ୧୦ହଜାର ଟଙ୍କା ନିଗମକୁ ଫେରାଯାଇ ନଥିବା ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ସୂଚନାଥାଉକି, ବଳକା ଟଙ୍କା ପ୍ରଶାସନକୁ ଫେରାଇବା କଥା। ମାତ୍ର ଛତ୍ରପୁର ଓ ବେଲଗୁଣ୍ଠା ବିଡିଓ ଏବଂ ବୁଗୁଡା ଏନ୍‌ଏସି ନିର୍ବାହୀ ଅଧିକାରୀ ଫେରାଇ ନଥିବାରୁ ନଭେମ୍ବର ୨୦ରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ତେବେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହୋଇ ନଥିବା ଜଣାପଡିଛି।

# ୧୪ ଅସୁରକ୍ଷିତ ଖାଦ୍ୟ ଗୋଦାମ ବନ୍ଦ ନିର୍ଦ୍ଦେଶ

ଛତ୍ରପୁର,୧୦।୧(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ଥିବା ୧୪ ଅସୁରକ୍ଷିତ ଗୋଦାମରେ ଚାଉଳ, ଗହମ ମହଜୁଦ ରଖାଯାଉଛି। ଏଗୁଡିକୁ ତୁରନ୍ତ ବନ୍ଦ କରିବାକୁ ପୁଣି ଯୋଗାଣ ନିଗମ ପକ୍ଷରୁ ଜିଲା ଯୋଗାଣ ଅଧିକାରୀଙ୍କ ନିକଟକୁ ଚିଠି ଆସିଛି। ପୂର୍ବରୁ ମଧ ଏପରି ଚିଠି ଆସିଥିଲେ ମଧ ପଦକ୍ଷେପ ନିଆଯାଇନି। ଗତ ୭ ତାରିଖରେ ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ପୁଣି ଏକ ଚିଠି ଜିଲା ଯୋଗାଣ ଅଧିକାରୀଙ୍କ ନିକଟକୁ ଆସିଛି। କୌଣସି ଅସୁରକ୍ଷିତ ଗୋଦାମରେ ଖାଦ୍ୟ ସାମଗ୍ରୀ ନ ରଖିବା, ଯଦି ଥିବ ତାହା ଖାଲି କରିବାକୁ ଚିଠିରେ ଉଲ୍ଲେଖ ଅଛି। ବନ୍ଦ ହେବାକୁ ଥିବା ଗୋଦାମ ମଧ୍ୟରେ ବେଗୁନିଆପଡା, ତନରଡାର ୨ଟି, ବୁଗୁଡା, ଜଗନ୍ନାଥପ୍ରସାଦ, କବିସୂର୍ଯ୍ୟନଗର, କୁକୁଡାଖଣ୍ଡି, ଭୂତସରସିଂ, ଗୋଳନ୍ଥରା, ସାହସପୁର, ଶେରଗଡ, ତତାବାଲି, ପୋଲସରା ଓ ଚିକିଟି ଗୋଦାମ ରହିଛି।

# ପାଠପଢ଼ା ତଦାରଖ କଲେ ଏବିଇଓ

ବୁଗୁଡ଼ା,୧୦।୧(ଡି.ଏନ.ଏ.)

ଗତ ୮ ତାରିଖରୁ ସ୍କୁଲରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପଢ଼ା ଆରମ୍ଭ ହୋଇଛି। ରାଜ୍ୟ ଶିକ୍ଷା ବିଭାଗର ଗାଇଡ ଲାଇନ୍ ଅନୁଯାୟୀ ଛୁଟି ସହ ୧୦୦ ଦିନ ପାଠ ପଢ଼ାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ରବିବାର ମଧ ସ୍କୁଲ ଖୋଲା ରହିଥିବାରୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ (ଏବିଇଓ) ପ୍ରମୋଦ ଚନ୍ଦ୍ର ସେନାପତି ବୁଗୁଡ଼ା ବ୍ଲକ ତାକରଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଯାଇ ତଦାରଖ କରିଥିଲେ। ସେଠାରେ ସେ ପିଲାଙ୍କ ପାଠପଢ଼ା ନିରୀକ୍ଷଣ କରିବା ସହ କରୋନା ନିୟମକୁ ମାନି ଚଳିବାକୁ ପରାମର୍ଶ ଦେଇଥିଲେ। ସ୍କୁଲରେ ପ୍ରଧାନ ଶିକ୍ଷକ ଦେବହରି ଚୌଧୁରୀଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ୧୦୦ ଦିନ ମଧ୍ୟରେ ପାଠପଢ଼ା ସାରିବା ନିମନ୍ତେ ସିଲାବସ ତିଆରି କରାଯାଇଛି ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି।


ବ୍ରହ୍ମପୁର ରାମଲିଙ୍ଗେଶ୍ୱର ପ୍ରମୋଦ ଉଦ୍ୟାନରେ ରବିବାର ସନ୍ଧ୍ୟାରେ ଲୋକଙ୍କ ପ୍ରବଳ ଭିଡ଼।

# ଆଜିଠୁ ଖୋଲିବ ଭଞ୍ଜବିହାର

ବ୍ରହ୍ମପୁର ଅଫିସ,୧୦।୧

କରୋନା ମହାମାରୀ ଯୋଗୁ ଦୀର୍ଘମାସ ଧରି ବନ୍ଦ ରହିଥିବା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସୋମବାରରୁ ଖୋଲିବ। ଏଥିପାଇଁ ଗଞ୍ଜାମ ଜିଲାରେ ଥିବା ବିଶ୍ୱ ବିଦ୍ୟାଳୟ ଓ ମହାବିଦ୍ୟାଳୟର କ୍ଲାସ୍ ରୁମ୍‌ଠାରୁ ଆରମ୍ଭ କରି ଛାତ୍ରୀଛାତ୍ର ହଷ୍ଟେଲକୁ ସଫାସୁତରା ହୋଇସାରିଛି। ସରକାରଙ୍କ ପକ୍ଷରୁ ଜାରି ମାର୍ଗଦର୍ଶିକାକୁ କଡାକଡି ରୂପେ ପାଳନ କରାଯିବ। ସମସ୍ତେ ଫେସ୍ ମାସ୍କ ପିନ୍ଧିବେ। ଶ୍ରେଣୀ ଗୃହ, ଲାଇବ୍ରେରୀ, ଲାବରୋଟାରୀରେ ପରସ୍ପର ମଧ୍ୟରେ ୬ ଫୁଟ ଦୂରତା ରକ୍ଷା କରାଯିବ। ରବିବାରଠାରୁ ହଷ୍ଟେଲଗୁଡିକୁ ଖୋଲାଯାଇଥିବା ଭଞ୍ଜବିହାର କ୍ୟାମ୍ପସ ସୁପରଭାଇଜର ମିହିର କୁମାର ତ୍ରିପାଠୀ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୟୁଜି (ସ୍ନାତକ)ର ୫ମ ଓ ପିଜି (ସ୍ନାତକୋତ୍ତର)ର ୩ୟ ସେମିଷ୍ଟାର ଛାତ୍ରୀଛାତ୍ରଙ୍କ କ୍ଲାସରୁମ ପଢ଼ା ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଚାଲିବ। ମାର୍ଚ୍ଚ ୧୬ରୁ ୩୧ ମଧ୍ୟରେ ଉଭୟ ସେମିଷ୍ଟାର ପରୀକ୍ଷା ହେବ। ଏପ୍ରିଲ୍ ୩୦ ସୁଦ୍ଧା ଉଭୟ ଫଳାଫଳ ପ୍ରକାଶ ପାଇବ। ସେହିପରି ଏପ୍ରିଲ ୨ରୁ ଜୁନ ୧୫ ପର୍ଯ୍ୟନ୍ତ ୟୁଜି, ପିଜିର ଶେଷ ସେମିଷ୍ଟାର କ୍ଲାସ ହେବ। ଜୁନ ୧୬ରୁ ଜୁନ ୩୦ ମଧ୍ୟରେ ଶେଷ ସେମିଷ୍ଟର ପରୀକ୍ଷା ଅନୁଷ୍ଠିତ ହେବ। ୟୁଜି ଓ ପିଜି ଶେଷ ସେମିଷ୍ଟାର ରେଜଲ୍ଟ ଜୁଲାଇ ୧୫ ସୁଦ୍ଧା ପ୍ରକାଶ ପାଇବ। ଯେଉଁଠି ବାର୍ଷିକ ପରୀକ୍ଷା ବ୍ୟବସ୍ଥା ଥିବ, ସେଠାରେ ସୋମବାରରୁ ଜୁନ ୧୦ ତାରିଖ ପର୍ଯ୍ୟନ୍ତ କ୍ଲାସ ହେବ। ଏପ୍ରିଲ ୧୧ରୁ ୩୦ ମଧ୍ୟରେ ବାର୍ଷିକ ପରୀକ୍ଷା ହେବ।

## ସଂକ୍ଷେପରେ

### କାର୍-ପିକ୍‌ଅପ୍ ମୁହାଁମୁହିଁ, ଜଣେ ଆହତ

**ବ୍ରହ୍ମପୁର ଅଫିସ,୧୦।୧**-ହଳଦିଆପଦର ଓଭରବ୍ରିଜରେ ରବିବାର ସନ୍ଧ୍ୟାରେ କାର୍-ପିକଅପ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ କାରରେ ଥିବା ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ସେ ହେଲେ ସୁଶାନ୍ତ ପଣ୍ଡା। ଏ ନେଇ ଅଭିଯୋଗ ପରେ ପୋଲିସ ନଂ.୩/୨୧ ରେ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଚଳାଇଛି। କାର (ନଂ.ଓଡ଼ି ୩୫ ଡ଼ି ୨୨୭୭)ରେ ୫ଜଣ ବ୍ରହ୍ମପୁର ଆସୁଥିଲେ। ହଳଦିଆପଦର ଓଭର ବ୍ରିଜ୍‌ରେ ପିକଅପ (ନଂ.ଓଆର ୦୭ କେ ୮୧୦୩) ସହ କାର ମୁହାଁମୁହିଁ ଧକ୍କା ହେବାରୁ କାର୍ ଯାତ୍ରୀଙ୍କ ମଧ୍ୟରୁ ସୁଶାନ୍ତ ଆହତ ହୋଇଥିଲେ। ଦୁର୍ଘଟଣା ପରେ ପିକ୍‌ଅପ ଚାଳକ ପଳାଇଛନ୍ତି। ଉକ୍ତ ପିକଅପରେ ବ୍ରହ୍ମପୁର ମହାନଗର ନିଗମର ଷ୍ଟିକର ଲାଗିଥିବା ପୋଲିସ କହିଛି।

### ରେଳଧାରଣାରୁ ମୃତଦେହ ଜବତ

**ବ୍ରହ୍ମପୁର ଅଫିସ,୧୦।୧**-ରାମନଗର ରେଳଧାରଣା ନିକଟରୁ ରେଲୱେ ପୋଲିସ ରବିବାର ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳି ପାରିନାହିଁ। ଏ ନେଇ ପୋଲିସ ନଂ. ୩/୨୧ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ସଂରକ୍ଷିତ ରଖାଯାଇଥିବା ବେଳେ ସୋମବାର ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।

### ଟ୍ରକ୍ ଧକ୍କାରେ ଗାଁସାଥୀ ଗୁରୁତର

**ହିଞ୍ଜିଳିକାଟୁ,୧୦।୧(ଡି.ଏନ୍.ଏ.)**-ହିଞ୍ଜିଳିକାଟୁ ବ୍ଲକ ଶିକିରି ପଞ୍ଚାୟତର ଗାଁସାଥୀ ସୁଜାତା ଡାକୁଆ ରବିବାର ଟ୍ରକ୍ ଧକ୍କାରେ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ଅଧିକ ଚିକିତ୍ସା ଲାଗି ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯାଇଛି। ଶିକିରି ଗ୍ରାମ ହରିଜନ ପୋଖରୀରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ ଚାଲିଛି। ସୁଜାତା ଉକ୍ତ କାମରେ ନିୟୋଜିତ ଶ୍ରମିକଙ୍କ ହାଜିରା ପକାଇ ଫେରୁଥିବା ବେଳେ ଗ୍ରାମ ଛକରେ କାଠ ବୋଝେଇ ଏକ ଟ୍ରକ୍ ତାଙ୍କୁ ପଛରୁ ଧକ୍କା ଦେଇ ୨ ଗୋଡ଼ ଉପରେ ମାଡ଼ିଯାଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ହିଞ୍ଜିଳି ପୋଲିସ ଜବତ କରିଛି। ସରପଞ୍ଚ ପ୍ରତିମା ବେହେରା ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ସୁଜାତାଙ୍କୁ ଭେଟିବା ସହ ତାଙ୍କ ଚିକିତ୍ସା ନିମନ୍ତେ ସରକାରୀ ସହାୟତା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବେ ବୋଲି କହିଛନ୍ତି।

# ୪ ବର୍ଷରେ ୨୪୯୭ ଅପମୃତ୍ୟୁ ମାମଲା

ବ୍ରହ୍ମପୁର ଅଫିସ, ୧୦।୧

**ଏମକେସିଜି ମେଡିକାଲ ଫାଣ୍ଡି**

**୪ ବର୍ଷର ଅପମୃତ୍ୟୁ ମାମଲା**

| ବର୍ଷ | ସଂଖ୍ୟା |
|---|---|
| ୨୦୧୭ | ୫୬୭ |
| ୨୦୧୮ | ୬୩୮ |
| ୨୦୧୯ | ୬୮୦ |
| ୨୦୨୦ | ୬୧୨ |

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ ଉପରେ ଦକ୍ଷିଣ ଓଡ଼ିଶାବାସୀଙ୍କ ସମେତ ପଡ଼ୋଶୀ ଆନ୍ଧ୍ର ସୀମାନ୍ତ ଇଲାକାର ଲୋକେ ନିର୍ଭର କରିଥାନ୍ତି। ସେହିପରି ବିଭିନ୍ନ ସରକାରୀ ଡାକ୍ତରଖାନାରୁ ମଧ ରୋଗୀ ଏଠାକୁ ରେଫର୍ ହୋଇଆସିଥାନ୍ତି। ମେଡିକାଲ ପରିସରରେ ରହିଛି ପୋଲିସ ଫାଣ୍ଡି। ଦୁର୍ଘଟଣା ହେଉ କିମ୍ବା ଆମ୍ବହତ୍ୟା ଉଦ୍ୟମ କରି ଚିକିତ୍ସାଧୀନ ଅବସ୍ଥାରେ କାହାରି ମୃତ୍ୟୁ ହେଲେ ଏହି ଫାଣ୍ଡିରେ ଅପମୃତ୍ୟୁ ମାମଲା ରୁଜୁ ହେଉଛି। ଦିନକୁ ଦିନ ଏପରି ଅପମୃତ୍ୟୁ ମାମଲା ବୃଦ୍ଧି ପାଉଥିବା ଦେଖାଯାଉଛି। ଗତ ୪ବର୍ଷ ମଧ୍ୟରେ ମେଡିକାଲ ଫାଣ୍ଡିରେ ୨୪୯୭ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଗତବର୍ଷ ୬୧୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ଜନ୍ମେଜୟ ମଲିକ କହିଛନ୍ତି।

ଏମ୍‌କେସିଜି ମେଡିକାଲକୁ ଜିଲା ସମେତ ପଡ଼ୋଶୀ ଜିଲାର ବିଭିନ୍ନ ସରକାରୀ ଡାକ୍ତରଖାନାରୁ ରୋଗୀ ରେଫର୍ ହୋଇଆସିଥାନ୍ତି। ସଡ଼କ ଦୁର୍ଘଟଣା, ସାପ କାମୁଡ଼ା, ବିଷପିଇ ଗୁରୁତର ରୋଗୀଙ୍କ ଚିକିତ୍ସାଧୀନ ଅବସ୍ଥାରେ କିମ୍ବା ଡାକ୍ତରଖାନାକୁ ଆସିବା ବେଳେ ରାସ୍ତାରେ କାହାରି ମୃତ୍ୟୁ ଘଟିଲେ ପୋଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରାଯାଉଛି। ମୃତ୍ୟୁର କାରଣ ସ୍ପଷ୍ଟ କରିବା ପାଇଁ ମୃତଦେହ ବ୍ୟବଚ୍ଛେଦ କରାଯାଉଛି। ଏମକେସିଜି ମେଡିକାଲରେ ଟ୍ରମା କେୟାର୍ ସେଣ୍ଟରରୁ ଉନ୍ନତମାନର ସେବା ମିଳିପାରୁନି ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ସେହିଭଳି ସ୍ୱତନ୍ତ୍ର ବର୍ଣ୍ଣ କେୟାର୍ ୟୁନିଟ୍ ସୁବିଧା ମଧ ନାହିଁ। ପୋଡ଼ି ହୋଇଯାଇଥିବା ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ନ ମିଳିବାରୁ ରୋଗୀଙ୍କ ମୃତ୍ୟୁ ଘଟୁଛି।

## ସ୍ତ୍ରୀଙ୍କୁ ନିର୍ଯାତନା, ସ୍ୱାମୀ ଗିରଫ

ବ୍ରହ୍ମପୁର ଅଫିସ,୧୦।୧–

ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ ସଦର ଥାନା ପୋଲିସ ରବିବାର ଗିରଫ କରିଛି। ସେ ହେଲେ ଲୋଚପଡା ଶ୍ରୀରାମନଗର ଦ୍ୱିତୀୟ ସାରଣୀର ବିଜୟ ବୋଷ (୪୦)। ମାମଲା ନଂ.୧୨/୨୧ ଅନୁସାରେ ବିଜୟଙ୍କୁ କୋର୍ଟଚାଲାଣ କରାଯାଇଛି। ଅଟୋ ଚାଳକ ବିଜୟ କିଛିବର୍ଷ ତଳେ ଜଣେ ଯୁବତୀଙ୍କୁ ପ୍ରେମବିବାହ କରିଥିଲେ। ବିବାହର ୪/୫ ବର୍ଷ ପରେ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ସେ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। କିଛିଦିନ ତଳେ ବିଜୟ କୌଣସି କାରଣ ନ ଥାଇ ସ୍ତ୍ରୀଙ୍କୁ ମାରପିଟ କରିବା ସହ ଧମକ ଦେଇଥିଲେ। ନିର୍ଯାତନା ସହ୍ୟ ନ କରିପାରି ମହିଳା ଜଣଙ୍କ ଏ ନେଇ ଥାନାରେ ଅଭିଯୋଗ କରିଥିଲେ।

# ମେଡିକାଲ କର୍ମଚାରୀ ସଂଘ ବୈଠକ

**ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି**

ବ୍ରହ୍ମପୁର ଅଫିସ,୧୦।୧

ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ବ୍ରହ୍ମପୁର ଶାଖାର ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ କାର୍ଯ୍ୟ କରିଥିବା ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ଏଥିରେ ଦାବି କରାଯାଇଛି। ୧୦ ବର୍ଷ ତଳେ ଛଟେଇ କରାଯାଇଥିବା କର୍ମଚାରୀଙ୍କୁ ପୁନଃନିଯୁକ୍ତି ସହ ଯୋଗ୍ୟତାଭିତ୍ତିରେ ସ୍ଥାୟୀ କର୍ମଚାରୀଙ୍କୁ ପଦୋନ୍ନତି ଦିଆଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ସଂଘ ଉପଦେଷ୍ଟା ରବି ରଥଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଆଉଟସୋର୍ସିଂ ଭାବେ କାମ କରୁଥିବା କର୍ମଚାରୀଙ୍କୁ ସଂଶୋଧିତ ପାରିଶ୍ରମିକ ପ୍ରକାରେ ଗତ ୧୧ ମାସର ବକେୟା ପ୍ରାପ୍ୟ ତୁରନ୍ତ ପୈଠ କରିବା ଏବଂ କୋଭିଡ୍ ପରିଚାଳନାରେ ନିୟୋଜିତ ଆଉଟସୋର୍ସିଂ କର୍ମଚାରୀଙ୍କୁ ମେଡିକାଲରେ ନିଯୁକ୍ତି ଦେବା ପାଇଁ ମଧ ଦାବି କରାଯାଇଛି। ବୈଠକରେ ଗୃହୀତ ଅନ୍ୟ ପ୍ରସ୍ତାବଗୁଡ଼ିକ ମଧ୍ୟରେ ମୃତ କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କୁ ଚାକିରି ଦେବା, ନିୟମିତ ଭାବେ ଇପିଏଫ୍ ଓ ଇଏସଆଇ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା, କର୍ମଚାରୀଙ୍କ ନିମନ୍ତେ ତୁରନ୍ତ ନୂତନ ବାସଗୃହ ନିର୍ମାଣ କରାଯିବା ଆଦି ଅନ୍ତର୍ଭୁକ୍ତ ରହିଛି। ସଂଘ ଉପସଭାପତି ସୁକାନ୍ତ ମୁଖୀ, ଲାଲୁ ମୋହନ ବେହେରା, ଜିଲା ମେଡିକାଲ କର୍ମଚାରୀ ସଂଘ ସମ୍ପାଦକ ଜି.ନରସିଂହ ରାଓ, ମେଡିକାଲ କଲେଜ ଶାଖା ସମ୍ପାଦକ ରାଜୁ ଚିନ୍ନାଙ୍କ ସମେତ ରବି ନାରାୟଣ ବେହେରା, ପ୍ରକାଶ ବେହେରା, ସନାତନ ନାୟକ, ଆନନ୍ଦ ମିଶ୍ର, ଗୌରହରି ମହାପାତ୍ର, ପୁଷ୍ପା ରେଡ୍ଡି, ଏମ. ଉଷାରାଣୀ, ସବିତା ବେହେରା, କେଶବ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ପଞ୍ଚାୟତ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ

**ବାଚସ୍ପତିଙ୍କ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କ ଅନୁପସ୍ଥିତି ଘଟଣା**

କୁକୁଡାଖଣ୍ଡି,୧୦।୧–

ବାଚସ୍ପତିଙ୍କ କୁକୁଡାଖଣ୍ଡି ବ୍ଲକ ଗସ୍ତବେଳେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଥିଲା। ମାତ୍ର ସେଠାକୁ କୌଣସି ହିତାଧିକାରୀ ନ ଆସିବାରୁ ୩ ପଞ୍ଚାୟତର ଗ୍ରାମ ପଞ୍ଚାୟତ ଅଧିକାରୀଙ୍କୁ ବିଡିଓ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ବୁଧବାର କୁକୁଡାଖଣ୍ଡି ବ୍ଲକରେ ବିଭିନ୍ନ ପଞ୍ଚାୟତର ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଥିଲା। ଏଥିରେ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଲାଞ୍ଜିଆ ପଞ୍ଚାୟତ ଅଧିକାରୀ ଅଶୋକ ପଟ୍ଟନାୟକ, ବାଘଲଟି ପଞ୍ଚାୟତ ଅଧିକାରୀ ରାମଚନ୍ଦ୍ର ଦଳେଇ ଏବଂ ଅନ୍ତେଇ ପଞ୍ଚାୟତ ଅଧିକାରୀ ଗାୟତ୍ରୀ ଦାସ ହିତାଧିକାରୀଙ୍କୁ ଏ ନେଇ କୌଣସି ସୂଚନା ଦେଇ ନଥିବାରୁ ସେମାନେ ବ୍ଲକରେ ପହଞ୍ଚି ନଥିଲେ। କାର୍ଯ୍ୟରେ ଅବହେଳା କରିଥିବାରୁ ୩ ପଞ୍ଚାୟତ ଅଧିକାରୀଙ୍କୁ ବିଡିଓ ଗଦାଧର ପାତ୍ର କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି।

# କଳାକାର ସଂଘର ଦୀକ୍ଷାନୁମୋଦନ ଉତ୍ସବ


ଉତ୍ସବରେ ମଞ୍ଚାସୀନ ଥିବା ଅତିଥି।

ବ୍ରହ୍ମପୁର ଅଫିସ,୧୦।୧

ଗଞ୍ଜାମ ଜିଲା ବରିଷ୍ଠ କଳାକାର ସଂଘ ପକ୍ଷରୁ ଦୀକ୍ଷାନୁମୋଦନ ଉତ୍ସବ କାଶୀ ବିଶ୍ୱନାଥ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ସୀମାନ୍ତ ନଟରାଜ ଡା.ତିରୁପତି ସାହୁ, ସଂଗୀତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାୟକ, ପ୍ରାକ୍ତନ ଜିଲା ସଂସ୍କୃତି ଅଧିକାରୀ କୃଷ୍ଣ ଚନ୍ଦ୍ର ନିଶଙ୍କ ଯୋଗ ଦେଇ ଗଞ୍ଜାମ ଜିଲାରେ ସାଂସ୍କୃତିକ ପୁନର୍ଜାଗରଣର ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଦକ୍ଷିଣ ଓଡ଼ିଶାରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସଂଗୀତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କ୍ଷେତ୍ରରେ ସମସ୍ତ ସହଯୋଗ ଓ ଉଦ୍ୟମ କରାଯିବ ବୋଲି ଅତିଥିମାନେ ପ୍ରତିଶ୍ରୁତି ଦେଇଥିଲେ। ଏହି ଉତ୍ସବରେ ନଳବଣ୍ଟା ନରସିଂହ ନାଟ୍ୟ ସଂସଦ ପକ୍ଷରୁ ପ୍ରହଲାଦ ଲୋକ ନାଟକ ପରିବେଷଣ କରାଯାଇଥିଲା। ସଂଘ ସମ୍ପାଦକ ସୁବାଷ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିମାନବନ୍ଦର ସ୍ଥାପନ ନେଇ ସର୍ବଦଳୀୟ ସଭା

ବ୍ରହ୍ମପୁର ଅଫିସ,୧୦।୧


ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକ।

**ଗଞ୍ଜାମକୁ ଉଡାନ୍ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ**

ବ୍ରହ୍ମପୁରଠାରେ ବିମାନ ବନ୍ଦର ସ୍ଥାପନ ନେଇ ପ୍ରସ୍ତାବିତ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗେଟ୍ ବଜାରସ୍ଥିତ ଏନ୍‌ଜିଓ ହଲ୍‌ରେ ବିଭିନ୍ନ ସଙ୍ଗଠନକୁ ନେଇ ସର୍ବଦଳୀୟ ଜନସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିକାଶ ମଞ୍ଚର ସଭାପତି ରାଜେନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ। ଓଡ଼ିଶାର ସର୍ବବୃହତ୍ ଗଞ୍ଜାମ ଜିଲାରେ ବିମାନ ବନ୍ଦର ସ୍ଥାପନ ନେଇ ଦୀର୍ଘବର୍ଷ ହେଲା ଦାବି ହୋଇଆସୁଛି। ଏଥିପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ, ବିକ୍ଷୋଭ, ଧାରଣା ଦିଆଯାଉଥିଲେ ମଧ ଦାବି ପ୍ରତ ଗୁରୁତ୍ୱ ଦିଆଯାଉ ନ ଥିବା ସଭାରେ ଅଭିଯୋଗ ହୋଇଛି।

ଶିକ୍ଷା, ବାଣିଜ୍ୟ, ପର୍ଯ୍ୟଟନ, ଆଇଜର, ଆଇଆର୍‌ଇ ଓ ଟାଟା ଭଳି ଶିଳ୍ପ ତଥା ଅନ୍ତର୍ଜାତୀୟ ଲିଙ୍କ୍ ଥିବା ପୁରାତନ ସହର ବ୍ରହ୍ମପୁରରେ ବିମାନ ବନ୍ଦର ପ୍ରତିଷ୍ଠା ଦାବିପ୍ରତି ରାଜ୍ୟ ସରକାର ଅଣଦେଖା କରିଚାଲିଛନ୍ତି। ଜିଲାଠାରୁ ଭୁବନେଶ୍ୱର ବିମାନ ବନ୍ଦର ୧୭୦ କି.ମି. ଦୂର। ଆବଶ୍ୟକ ଭିତ୍ତିଭୂମି ଥିବା ସତ୍ତ୍ୱେ ଗଞ୍ଜାମରେ ବିମାନ ବନ୍ଦର ସ୍ଥାପନ ହେଉ ନ ଥିବାରୁ ଜିଲାବାସୀଙ୍କୁ ଚକିତ କରୁଛି। ରାଜ୍ୟରେ ୯ ବିମାନ ବନ୍ଦର ପ୍ରତିଷ୍ଠା ପ୍ରସ୍ତାବ ରହିଛି। ଝାରସୁଗୁଡ଼ାରେ ୨୧୦ କୋଟି ବ୍ୟୟରେ ବିମାନ ବନ୍ଦର କାର୍ଯ୍ୟ ସରିଛି। ପୁରୀଠାରେ ଅନ୍ତର୍ଜାତୀୟ ବିମାନ ବନ୍ଦର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଉଡାନ୍ ଯୋଜନା-୪ରେ ଗଞ୍ଜାମ ଜିଲାକୁ ଅନ୍ତର୍ଭୁକ୍ତ ନ କରିବା ପରିତାପର ବିଷୟ ବୋଲି ସଂଘ କହିଛି। ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ଲକ୍ଷ୍ମୀପୁର ମୌଜାର ଶୀତଳାପଲ୍ଲୀଠାରେ ବିମାନ ବନ୍ଦର କରିବାକୁ ଜମି ସଂରକ୍ଷିତ ରହିଛି। ତତ୍‌ସହିତ ପ୍ରାୟ ୩୦୦ ଏକର ବେସରକାରୀ ଜମି ପ୍ରସ୍ତାବ ମଧ ରହିଛି। କେବଳ ଜନ ଅସନ୍ତୋଷକୁ ଦୃଷ୍ଟିରେ ରଖି ଥରକୁ ଥର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍ କଥା କହି ଲୋକଙ୍କୁ ସନ୍ତୁଷ୍ଟ କରିବାକୁ ଉଦ୍ୟମ କରାଯାଉଥିବା ସଂଘ ଅଭିଯୋଗ କରିଛି। ୨୦୨୪ ସୁଦ୍ଧା ୧୦୦ଟି ନୂତନ ବିମାନ ବନ୍ଦର ନେଇ ୧୦୦ ନୂଆ ରାସ୍ତା ସଂଯୋଗ ପାଇଁ କେନ୍ଦ୍ର ସରକାର ୧ଲକ୍ଷ କୋଟି ଖର୍ଚ୍ଚ ଅଟକଳ କରିଛନ୍ତି। ଯଦି ରାଜ୍ୟ ସରକାର ଗ୍ରୀନ୍ ଫିଲ୍ଡ ଯୋଜନାରେ ବିମାନ ବନ୍ଦର ପାଇଁ ସ୍ଥାନ ଚିହ୍ନଟ ନ କରିପାରିବେ ତା’ହେଲେ ଏହିଯୋଜନା ହାତଛଡ଼ା ହେଲେ ଗଞ୍ଜାମରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇବ ବୋଲି ସଂଘ କହିଛି। ସଭାରେ ଅନ୍ୟମାନଙ୍କ ମଧ୍ୟରେ ସୁଧାଂଶୁ ଶେଖର ପଣ୍ଡା, ରାମକୃଷ୍ଣ ମହାରଣା, ଶିବ ପ୍ରସାଦ ମିଶ୍ର, ଅବନୀ ଗୟା, ଭି.ସନ୍ତୋଷ କୁମାର, ଜି.ସୁରେଶ, ସୁରେନ୍ଦ୍ର ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ସଂଗଠନର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଋଷିକୂଲ୍ୟା ନଦୀରେ ବୁଡ଼ି ବୃଦ୍ଧ ମୃତ

ପୁରୁଷୋତ୍ତମପୁର (ଡି.ଏନ୍.ଏ.): ପୁରୁଷୋତ୍ତମପୁର ଥାନା ବାଲିଆ ଗ୍ରାମରେ ରବିବାର ସକାଳେ ଋଷିକୂଲ୍ୟା ନଦୀକୁ ଗାଧୋଇବାକୁ ଯାଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମଦନ ବେହେରା (୬୫)। ମଦନ ନଦୀରେ ଗାଧୋଇବା ବେଳେ ପାଣିରେ ବୁଡି ଯାଇଥିଲେ। ଖବର ପାଇ ସ୍ଥାନୀୟ ଦମକଳ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ମଦନଙ୍କୁ ମୃତ ଘୋଷଣା କରିଥିଲେ। ପୁରୁଷୋତ୍ତମପୁର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏ ନେଇ ନଂ .୨/୨୧ରେ ମାମଲା ରୁଜୁ ହୋଇଛି।

# ‘ରାଜ୍ୟରେ ବଢ଼ୁଛି ମହିଳା ଓ ଶିଶୁହତ୍ୟା’

ପାରଳାଖେମୁଣ୍ଡି,୧୦ା୧(ଡି.ଏନ୍.ଏ.)

ଓଡ଼ିଶାରେ ମହିଳା ଓ ଶିଶୁହତ୍ୟା ସହ ସେମାନଙ୍କ ପ୍ରତି ନିର୍ଯାତନା ବଢ଼ୁଛି। ସରକାରଙ୍କ ଦୋଷ, ଦୁର୍ବଳତା ବିରୋଧରେ ସ୍ୱର ଉତ୍ତୋଳନ କଲେ ଭାଜପା ନେତାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଉଛି। ସବୁ କ୍ଷେତ୍ରରେ ନବୀନ ସରକାର ବିଫଳ ହେଉଥିବାବେଳେ ରାଜ୍ୟବାସୀ ଏହା ଜାଣି ସାରିଲେଣି, ଠିକ୍ ସମୟରେ ଉଚିତ୍ ଜବାବ ଦେବେ ବୋଲି ଓଡ଼ିଶା ଗସ୍ତରେ ଆସିଥିବା ଭାଜପା ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ରବିବାର ଗଜପତି ଜିଲା ପାରଳାଖେମୁଣ୍ଡି ସର୍କିଟ୍ ହାଉସ୍‌ଠାରେ ଭାଜପା କାର୍ଯ୍ୟକର୍ତ୍ତା ବୈଠକରେ ଯୋଗ ଦେଇ କହିଥିଲେ।

ଜିଲା ମଣ୍ଡଳ ସ୍ତରରୁ ଆରମ୍ଭ କରି ବ୍ଲକ ସ୍ତରର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସହ ଭାଜପାର ଦଳୀୟ ସ୍ଥିତି ଉପରେ ପୁରନ୍ଦେଶ୍ୱରୀ ଆଲୋଚନା କରିଥିଲେ। ପରେ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ଓଡିଶା ସ୍ୱତନ୍ତ୍ର ପ୍ରଦେଶ



ବୈଠକରେ ଉପସ୍ଥିତ ଭାଜପା ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ଓ ଅନ୍ୟମାନେ।

### ଗଜପତି ଲୋକଙ୍କ ସହ ମୋ ପିତାଙ୍କ ନିବିଡ଼ ସମ୍ପର୍କ ଥିଲା: ପୁରନ୍ଦେଶ୍ୱରୀ

ଗଠନର ପୁରୋଧା ତଥା ଗଜପତି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଭୂମିରେ ପାଦ ଦେଇଥିବାରୁ ନିଜକୁ ଧନ୍ୟ ମନେକରୁଛି ବୋଲି କହିଥିଲେ। ଆନ୍ଧ୍ର ସୀମାବର୍ତ୍ତୀ ଗଜପତି ଲୋକଙ୍କ ସହ ମୋ ପିତା ସ୍ୱର୍ଗତ ଏନ୍. ଟି. ରାମାରାଓଙ୍କ ନିବିଡ ସମ୍ପର୍କ ରହିଥିଲା। ସେମାନଙ୍କ ସହ ଆଲୋଚନା କରି ମୁଁ ଧନ୍ୟ ମନେକରୁଛି। କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ଓ ବିକାଶମୂଳକ ଯୋଜନା ସମ୍ପର୍କରେ କହି ଭାଜପାକୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। ପଛୁଆ ଜିଲା ଭାବେ ଗଜପତି ପାଇଁ କେନ୍ଦ୍ରରୁ ବହୁ ଅର୍ଥ ଆସୁଛି, ତେବେ କୁଆଡେ ଯାଉଛି ବୋଲି ସେ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନ କରିଥିଲେ। ସମ୍ମିଳନୀରେ ରାଜ୍ୟ ଭାଜପା ଉପସଭାପତି ଭୃଗୁ ବକ୍ସିପାତ୍ର, ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର, ଜିଲା ପ୍ରଭାରୀ ସରୋଜ ସାବତ ଓ ପାରଳା ବିଧାୟକ କେ. ନାରାୟଣ ରାଓ, ବାବୁଲା ପଟ୍ଟନାୟକ, ବାବୁନା ବେହେରା, ସୁନୀଲ ମହାପାତ୍ର, ଶ୍ରୀଧର ନାଇଡୁ, ଜମିନଦାର ପଟ୍ଟନାୟକ, କୃଷ୍ଣ ଚନ୍ଦ୍ର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପୁଅର ମୃତଦେହ ଆଣିବାକୁ ବାପାଙ୍କ ନିବେଦନ

#### କେରଳରେ ଦାଦନ ଶ୍ରମିକଙ୍କ ମୃତ

ବାଲିଗୁଡା,୧୦ା୧.(ଡି.ଏନ.ଏ.)- ଦାଦନ ଖଟିବାକୁ କେରଳ ଯାଇଥିବା କନ୍ଧମାଳ ଜିଲା ବାଲିଗୁଡ଼ା ସୁନାପାଙ୍ଗା ସାହିର ଜଣେ ଯୁବକଙ୍କ ଗତ ତିନି ଦିନ ପୂର୍ବରୁ ମୃତ୍ୟୁ ଘଟିଛି। ସେ ହେଲେ ଅନିଲ ବିଷୋୟୀଙ୍କ ପୁଅ ଶ୍ରୀଧର (୨୧)। ପୁଅର ମୃତଦେହକୁ ଘରକୁ ଫେରାଇ ଆଣିବାକୁ ପରିବାର ଲୋକ ପ୍ରଶାସନ ନିକଟରେ ଗୁହାରି କରିଛନ୍ତି। ପ୍ରକାଶ ଯେ, ଦୁଇବର୍ଷ ପୂର୍ବେ ଶ୍ରୀଧର କେରଳର ଏକ କମ୍ପାନୀରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। ସେ ଘରର ଏକମାତ୍ର ରୋଜଗାରିଆ ପୁଅ। ଗତ ବୁଧବାର ସକାଳୁ କେରଳ ପୋଲିସ ଶ୍ରୀଧରଙ୍କ କ୍ଷତବିକ୍ଷତ ମୃତଦେହ ଜବତ କରି ବାଲିଗୁଡ଼ା ଥାନାକୁ ଜଣାଇଥିଲା। ଏ ନେଇ ପୋଲିସ ଶ୍ରୀଧରଙ୍କ ପରିବାରକୁ ଖବର ଦେଇଥିଲା। କେହି ଦୁର୍ବୃତ୍ତ ଶ୍ରୀଧରକୁ ହତ୍ୟା କରି ଟ୍ରେନ୍ ଲାଇନ୍‌ରେ ଫିଙ୍ଗି ଦେଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଶ୍ରୀଧରଙ୍କ ବାପା ଅତ୍ୟନ୍ତ ଗରିବ ହୋଇଥିବାରୁ ପୁଅର ମୃତଦେହକୁ କେରଳରୁ ଆଣିବାକୁ ସମର୍ଥ ନୁହନ୍ତି। ତେଣୁ ସେ ଉପଜିଲାପାଳଙ୍କୁ ଲିଖିତ ଭାବେ ନିବେଦନ କରିଛନ୍ତି।

### ତଦନ୍ତ ପାଇଁ ଥାନାକୁ ଡାକି ମାଡ଼ ଅଭିଯୋଗ

ଭଞ୍ଜନଗର,୧୦ା୧(ଡି.ଏନ.ଏ)- ଗଞ୍ଜାମ ଜିଲା ଗାଙ୍ଗପୁର ପୋଲିସ ଶନିବାର କ୍ଷତ୍ରିୟବରପୁରର ସତ୍ୟ ନାରାୟଣ ନାୟକଙ୍କୁ ଥାନାକୁ ଡାକି ମାଡ଼ ମାରିଥିବା ଅଭିଯୋଗ ହୋଇଛି। ରବିବାର ସନ୍ଧ୍ୟାରେ ସତ୍ୟ ଭଞ୍ଜନଗର ଏସ୍‌ଡ଼ିପିଓଙ୍କ ନିକଟକୁ ଅଭିଯୋଗ କରିବାକୁ ଆସି ତାଙ୍କ ଅନୁପସ୍ଥିତିରେ ଅନ୍ୟ କର୍ମଚାରୀଙ୍କୁ ଅଭିଯୋଗ ପତ୍ର ଦେଇଛନ୍ତି। ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ୨ଜଣ କନଷ୍ଟେବଲ ଶନିବାର ସନ୍ଧ୍ୟାରେ ଆସି ତାଙ୍କୁ ଘରୁ ବାଇକରେ ବସାଇ ଥାନାକୁ ନେଇଥିଲେ। ସେଠାରେ ଏକ ଚୋରି ମାମଲା ସମ୍ପର୍କରେ ପଚାରିବାରୁ ସେ ଜାଣିନଥିବା କହିଥିଲେ। ଏହାପରେ ଏକ ଶାବଳରେ ତାଙ୍କୁ ମାଡ଼ ମାରିଥିଲା। ଗାଙ୍ଗପୁର ଥାନା ଅଧିକାରୀ ଧିରେଶ କୁମାର ଦାସ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି।

### ବରିଷ୍ଠ ରାଜନେତାଙ୍କ ପରଲୋକ

ଭଞ୍ଜନଗର,୧୦ା୧(ଡି.ଏନ.ଏ)- ବର୍ଷିୟାନ ରାଜନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନିକଟତର ଥିବା କୀର୍ତ୍ତନ ପ୍ରଧାନ (୯୩)ଙ୍କର ରବିବାର ସକାଳ ସାଢ଼େ ୯ଟାରେ



ମୁଜାଗଡସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଜିଲା ପରିଷଦ ସଭ୍ୟ, ନିୟନ୍ତ୍ରିତ ବଜାର କମିଟି ନିର୍ଦ୍ଦେଶକ, ଫରେଷ୍ଟ ମାର୍କେଟିଂ ସୋସାଇଟି ନିର୍ଦ୍ଦେଶକ, ଜିଲା ଯୋଜନା ବୋର୍ଡର ସଭ୍ୟ ବିଭିନ୍ନ ସମୟରେ ରହିଥିଲେ। ବିଜେଡିର ସେ ଜଣେ ଜଣାଶୁଣା ନେତା ଥିଲେ। ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଅନ୍ତିମ ଦର୍ଶନ କରିଥିଲେ।

# ବିଦ୍ୟାଳୟରେ ପାର୍କ, ଶିଶୁ ଜିମ୍ ଖୋଲିବାକୁ ପରାମର୍ଶ

### ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବଙ୍କ ଭଞ୍ଜନଗର ଗସ୍ତ

ଭଞ୍ଜନଗର,୧୦ା୧(ଡି.ଏନ୍.ଏ.)

ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ରଘୁରାମ ଆର୍. ଲାୟାର ରବିବାର ଭଞ୍ଜନଗର ବ୍ଲକ ଓ ଏନ୍‌ଏସିର ବିଭିନ୍ନ ହାଇସ୍କୁଲ ଓ କଲେଜ ପରିଦର୍ଶନ କରିଥିଲେ। ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ରବିବାର ବିଦ୍ୟାଳୟ ଖୋଲାଯାଇ ଛାତ୍ରୀଛାତ୍ରଙ୍କୁ କୋଭିଡ୍-୧୯ ନିୟମ ପ୍ରକାରେ ଶିକ୍ଷାଦାନ କରାଯାଉଛି ନା ନାହିଁ ବୁଲି ଦେଖିଥିଲେ। ଗୁଣାତ୍ମକ ଶିକ୍ଷାର ବିକାଶ ସହ ଶତପ୍ରତିଶତ ପରୀକ୍ଷା ଫଳ ପାଇଁ ଚେଷ୍ଟା କରିବାକୁ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମନୋରଞ୍ଜନ ପାଇଁ ଆଗାମୀ ଦିନରେ ବିଦ୍ୟାଳୟରେ ମନୋରଞ୍ଜନ ପାର୍କ ଓ ଶିଶୁ ଜିମ୍ ଖୋଲିବାକୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ବିଦ୍ୟାଳୟ ପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ ବଢ଼ିବା ସହ ଶାରିରୀକ ଓ ମାନସିକ ବିକାଶ ଘଟିବ ବୋଲି ଲାୟାର କହିଥିଲେ। ସେ ଭଞ୍ଜନଗରର ବାହାଡାପଦର ହାଇସ୍କୁଲ, ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ, ସାବିତ୍ରୀ ମହିଳା ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ଅତିରିକ୍ତ ସଚିବଙ୍କ ଗସ୍ତ ସମୟରେ ବିଇଓ ଏସ୍. ଧନଞ୍ଜୟ, ଏବିଇଓ ହୃଷୀକେଶ ସ୍ୱାଇଁ, ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ପ୍ରଧାନ, ଜଗବନ୍ଧୁ ଜେନା, ସନ୍ତୋଷ ଜେନା, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।


ଅତିରିକ୍ତ ସଚିବ ୟୁବି ହାଇସ୍କୁଲ ପରିଦର୍ଶନ କରୁଛନ୍ତି।

# ଘୋଡ଼ାହାଡ଼ ଡ୍ୟାମ୍‌ରେ ଚାଲିଛି କୁମ୍ଭୀର ଗଣନା



ଉପସ୍ଥିତ ବନ କର୍ମଚାରୀଙ୍କ ସହ ବିଭାଗୀୟ ଅଧିକାରୀ ଏବଂ ବନ୍ୟପ୍ରାଣୀ ବିଶେଷଜ୍ଞ।

ଦିଗପହଣ୍ଡି,୧୦ା୧(ଡି.ଏନ୍.ଏ.)

### ୩୩ ବନ କର୍ମଚାରୀ ନିୟୋଜିତ

ଗଞ୍ଜାମ-ଗଜପତି ଜିଲା ସୀମାନ୍ତ ଘୋଡାହାଡ଼ ଡ୍ୟାମ୍‌ରେ ରବିବାର କୁମ୍ଭୀର ଗଣନା କରାଯାଇଛି। ଦିଗପହଣ୍ଡି ବନ ବିଭାଗ ପକ୍ଷରୁ ସକାଳ ୭ଟାରୁ ଅପରାହ୍ନ ୨ଟା ଯାଏ କୁମ୍ଭୀର ଗଣନା କରାଯାଇଥିଲା। ତାଲିମପ୍ରାପ୍ତ ୩୩ ବନ କର୍ମଚାରୀ ୧୦ ଦଳରେ ବିଭକ୍ତ ହୋଇ ଡଙ୍ଗା ସାହାଯ୍ୟରେ କୁମ୍ଭୀର ଗଣନା କରି ଫେରିଥିଲେ। ସୋମବାର ଗଣନା କାର୍ଯ୍ୟ ସରିବ ବୋଲି ଜଣାପଡ଼ିଛି। ଡ୍ୟାମ୍ ଏବଂ ପାର୍ଶ୍ୱବର୍ତ୍ତୀ ପୋଖରୀଗୁଡ଼ିକରେ ଗତବର୍ଷ ୬୫ କୁମ୍ଭୀର ଥିବା ଗଣନା ରିପୋର୍ଟରୁ ଜଣାପଡ଼ିଛି ବୋଲି ଦିଗପହଣ୍ଡି ବନାଞ୍ଚଳ ଡେପୁଟି ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକ କହିଛନ୍ତି। ବ୍ରହ୍ମପୁର ବନଖଣ୍ଡ ଡିଏଫ୍ଓ ଅମ୍ଲାନ କୁମାର ନାୟକ, ସହକାରୀ ବନ ସଂରକ୍ଷକ ଅଶୋକ କୁମାର ବେହେରା, ବ୍ରହ୍ମପୁର ରେଞ୍ଜର ଦିଲ୍ଲୀପ କୁମାର ମାର୍ଥା, ସାଉଁଆପଲ୍ଲୀ ରେଞ୍ଜର ରଜତ କୁମାର ମିଶ୍ର, ବନ୍ୟପ୍ରାଣୀ ବିଶେଷଜ୍ଞ ଡ.ଅନନ୍ତ ରାମ କରଙ୍କ ସମେତ ବହୁ ବିଭାଗୀୟ କର୍ମଚାରୀ କୁମ୍ଭୀର ଗଣନା କାର୍ଯ୍ୟ ତଦାରଖ କରିଥିଲେ।

### ଡ୍ୟାମରୁ ଶମ୍ବର ମୃତଦେହ ଜବତ

ଦିଗପହଣ୍ଡି,୧୦ା୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଘୋଡାହାଡ଼ ଡ୍ୟାମରୁ ରବିବାର ଏକ ସମ୍ବରର ମୃତଦେହକୁ ବନବିଭାଗ ଜବତ କରିଛି। ଡ୍ୟାମରେ କୁମ୍ଭୀର ଗଣନା ଚାଲିଥିବା ବେଳେ ସମ୍ବରଟି ପାଣିରେ ଭାସୁଥିବା ବନ କର୍ମଚାରୀମାନେ ଦେଖିଥିଲେ। ଏ ନେଇ ସେଠାରେ ଉପସ୍ଥିତ ଦିଗପହଣ୍ଡି ବନାଞ୍ଚଳ ଡେପୁଟି ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକଙ୍କୁ ଜଣାଇବାପରେ ପାଣିରୁ ସମ୍ବରର ମୃତଦେହକୁ ଜବତ କରାଯାଇଥିଲା। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଡିଏଫ୍ଓ ଅମ୍ଲାନ ନାୟକଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ସନ୍ଧ୍ୟାରେ ମୃତଦେହର ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି। ମାଈ ପ୍ରଜାତିର ସମ୍ବରଟିର ବୟସ ପ୍ରାୟ ୨୫ ବର୍ଷ ହେବ ବୋଲି ପ୍ରାଣୀ ଚିକିତ୍ସକ ଡା. ଆଷିକ କୁମାର ଦୋରା କହିଛନ୍ତି। ଡ୍ୟାମକୁ ପାଣି ପିଇବାକୁ ଆସି ଗଭୀର ଜଳ ମଧ୍ୟକୁ ଖସି ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଇଛି ବୋଲି ପ୍ରାଣୀ ଚିକିତ୍ସାଧିକାରି କହିଛନ୍ତି।

# ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କଲେ ବିଧାୟକ

ବାଲିଗୁଡ଼ା,୧୦ା୧ (ଡି.ଏନ୍.ଏ.)

ମାନବିକତାର ପରିଚୟ ଦେଲେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର। ଶନିବାର ବାଲିଗୁଡ଼ା ବ୍ଲକ ବାରଖମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକରେ ବିଧାୟକ ଯୋଗଦେଇ ଫେରିବା ସମୟରେ ବାରଖମା ନିକଟ ବିରାଗୁଡ଼ା ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଗୁରୁତର ହୋଇଥିବା କୁଟିକିଆ ଅଞ୍ଚଳର କୃଷ୍ଣ କହଁର ଓ ତାଙ୍କ ସ୍ତ୍ରୀ ଏବଂ ଛୁଆଙ୍କୁ ବିଧାୟକ ଉଦ୍ଧାର କରି ନିଜ ଗାଡ଼ିରେ ବାଲିଗୁଡ଼ା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରକାଶ ଯେ, କୃଷ୍ଣ କହଁର ସ୍ତ୍ରୀ ଓ ଛୁଆଙ୍କୁ ନେଇ ବାଇକ୍‌ରେ ବାରଖମା ଅଞ୍ଚଳରୁ ଗାଁକୁ ଫେରୁଥିବା ବେଳେ ଗାଡ଼ିଟି ଭାରସାମ୍ୟ ହରାଇ ଏକ ଗଛରେ ଧକ୍କା ହୋଇଥିଲା।

# ତୃଣମୂଳ ସ୍ତରରୁ ମଜବୁତ ହେବ କଂଗ୍ରେସ

ହିଞ୍ଜିଳିକାଟୁ/ଭଞ୍ଜନଗର, ୧୦ା୧(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ବ୍ଲକ ନୂଆବୁରୁପୋଡ଼ା ଶ୍ୟାମଳାଇ ମନ୍ଦିର ପରିସରରେ ରବିବାର ସନ୍ଧ୍ୟାରେ କଂଗ୍ରେସ ପକ୍ଷରୁ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ହିଞ୍ଜିଳି ବିଧାନସଭା କଂଗ୍ରେସ ପ୍ରାର୍ଥୀ ଶମ୍ଭୁ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଦଳୀୟ ପର୍ଯ୍ୟବେକ୍ଷକ ତଥା କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଗଞ୍ଜାମ ଜିଲା କଂଗ୍ରେସ ସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସ୍ୱରୂପାରାଣୀ ତ୍ରିପାଠି, କଂଗ୍ରେସ ନେତା ଶିବରାମ ପ୍ରଧାନ, କୁନା ବିଷୋୟୀ, ନଗର କଂଗ୍ରେସ ସଭାପତି ସୁନାରାମ ସାବତ ପ୍ରମୁଖ ମଞ୍ଚାସୀନ ଥିଲେ। କଂଗ୍ରେସ ସଙ୍ଗଠନକୁ ମଜବୁତ ପାଇଁ ନେତୃମଣ୍ଡଳୀ ଆହ୍ୱାନ ଦେଇଥିଲେ। ସେହିପରି ବେଲଗୁଣ୍ଠା ନିକଟସ୍ଥ ଉଦ୍ରାରେ ଅନୁଷ୍ଠିତ ସମ୍ମିଳନୀରେ ଏମ୍‌ପି ଉଲାକା ମୁଖ୍ୟଅତିଥି ଭାବେ ଯୋଗଦେଇ ତୃଣମୂଳସ୍ତରରେ ଦଳୀୟ ସଙ୍ଗଠନ ମଜବୁତ ପାଇଁ କହିଥିଲେ। ବିଧାୟକ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ସନ୍ତୋଷ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପିସିସି ସଭ୍ୟ ଦେବୀ ବିଷୋୟୀ, ରାଧାଶ୍ୟାମ ମହାପାତ୍ର, ବେଦବର ବେହେରା, ପ୍ରଦ୍ୟୁମ୍ନ ପାତ୍ର, ସନ୍ତୋଷ ପଟ୍ଟନାୟକ, ପାଣ୍ଡବ ସାହୁ, ପଦ୍ମ ପ୍ରଧାନ, ସନ୍ତୋଷ ସାହୁ, ଟୁଟୁ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବ୍ଲକ ଓ ଏନଏସି କଂଗ୍ରେସ କମିଟି ଗଠନ ପରେ ଦଳୀୟ ସଙ୍ଗଠନ କାର୍ଯ୍ୟ ଜୋରଦାର ହେବ ବୋଲି କହିଥିଲେ।


ଉଦ୍ରାରେ ଅନୁଷ୍ଠିତ ବୈଠକରେ ଦଳୀୟ ନେତୃବୃନ୍ଦ।

### ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ

କାଶୀନଗର,୧୦ା୧

କାଶୀନଗର ବିଜୁ କଲ୍ୟାଣ ମଣ୍ଡପଠାରେ ପ୍ରଥମ ଥର ପାଇଁ ଅନଷ୍ଟେଡ ଚେସ୍ ପ୍ରତିଯୋଗିତାକୁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ସତ୍ୟ ସମ୍ପୂର୍ଣ୍ଣା ରାଉତ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କବି ପ୍ରଶାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ଥାନାଧିକାରୀ ସୁଶାନ୍ତ କୁମାର ସାହୁ, ଅତିରିକ୍ତ ବିଡିଓ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ଏମ୍. ସୁଧାରାଣୀ, ହୃଷୀକେଶ ଗୌଡ଼ ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜକ ପଞ୍ଚାନନ ପାଣିଗ୍ରାହୀ ଓ ବିଶ୍ୱବିଜୟୀ ବିବେକାନନ୍ଦ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଦେଶୀ ଅନୁଦାନ ନିୟନ୍ତ୍ରଣ ଆଇନ ସମ୍ପର୍କିତ କର୍ମଶାଳା

ଫୁଲବାଣୀ ଅଫିସ,୧୦ା୧

ଫୁଲବାଣୀସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ କାର୍ଯ୍ୟାଳୟରେ ବିଦେଶୀ ଅନୁଦାନ ନିୟନ୍ତ୍ରଣ ଆଇନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଆଇନ ବଳରେ ତୃଣମୂଳସ୍ତରରେ ସ୍ୱେଚ୍ଛାସେବୀଙ୍କ ଉପରେ କି ପ୍ରଭାବ ପଡିବ ବା ପଡୁଛି ତାହା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସ୍ୱାତୀ ସମ୍ପାଦକ ଇଂ.ହରିଶଙ୍କର ରାଉତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଏହି ଆଇନ ଦ୍ୱାରା କ'ଣ ଭଲ ହେବ ଏବଂ କି ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ଅବଗତ କରିଥିଲେ। ବିଭିନ୍ନ ଆଇନ ବଳରେ ସାମାଜିକ ଅନୁଷ୍ଠାନ, ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ, ଲୋକ ସଙ୍ଗଠନଗୁଡିକୁ ପଙ୍ଗୁ କରି ଦିଆଯାଉଛି। ଏଭଳି ଆଇନକାନୁନ ଦ୍ୱାରା ବିଶ୍ୱର ବୃହତ୍ ଗଣତନ୍ତ୍ରକୁ ଅଗଣତାନ୍ତ୍ରିକ ଭାବେ ହଟାଇବା ପ୍ରୟାସ କରାଯାଉଛି। ଅତୀତରେ ଯେଉଁଭଳି ତୃଣମୂଳ ସ୍ତରରେ ଛୋଟ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ବିଦେଶୀ ଅନୁଦାନ ପ୍ରଦାନ କରାଯାଇ ଗ୍ରାମର ବିକାଶକୁ ଅଗ୍ରାଧିକାର ଦିଆ ଯାଉଥିଲା ତାହା ଏହି ଆଇନରେ ନାହିଁ। ତେଣୁ ଏହି ଆଇନରେ ସେଭଳି ବ୍ୟବସ୍ଥା ରଖିଲେ ତୃଣମୂଳ ସ୍ତରରେ ଲୋକଙ୍କ ବିକାଶ ହୋଇପାରିବ। ସରକାରୀ ସ୍ତରରେ ସ୍ୱଚ୍ଛ ଶାସନ ପ୍ରଥମେ ଆରମ୍ଭ କରାଯାଇ ବେସରକାରୀ ସଂସ୍ଥାକୁ ପରିସରଭୁକ୍ତ କରିବା ଦରକାର। ଜନସାଧାରଣଙ୍କ ସ୍ୱାର୍ଥ ବ୍ୟାହତ ନ ହେବଭଳି ଆଇନ ପ୍ରଣୟନ କରାଯିବା ଆବଶ୍ୟକ ବୋଲି ମୁଖ୍ୟଅତିଥି ଭାବେ ଯୋଗଦେଇ ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ କହିଥିଲେ। ସ୍ୱାତୀ ଅଧ୍ୟକ୍ଷ ପ୍ରଶାନ୍ତ ଶତପଥୀ ଯୋଗଦେଇ ଏହି ଆଇନରେ ସଂଶୋଧନର ଆବଶ୍ୟକତା ଅଛି ବୋଲି କହିଥିଲେ। ବୈଦ୍ୟନାଥ ଖଟୁଆ, ବିଶ୍ୱରଞ୍ଜନ କର ପ୍ରମୁଖ ମଧ୍ୟ ଉପସ୍ଥିତ ରହି ସେମାନଙ୍କ ବକ୍ତବ୍ୟ ରଖିଥିଲେ।

# ପୁଷ୍ଟିକର ଉଦ୍ୟାନର ଶୁଭାରମ୍ଭ

ଦିଗପହଣ୍ଡି,୧୦ା୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କେଦାରପୁର ଗ୍ରାମ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଛାତ୍ରୀଛାତ୍ରଙ୍କ ପାଇଁ ପୁଷ୍ଟିକର ଉଦ୍ୟାନର ଶୁଭାରମ୍ଭ କରାଯାଇଛି। ଏଠାରେ ଅମୃତଭଣ୍ଡା, ସଜନା, କଦଳୀ ଭଳି ଅନେକ ଚାରା ରୋପଣ କରାଯାଇଛି। ପ୍ରଧାନଶିକ୍ଷକ ଗୋପୀନାଥ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଇଓ ବସନ୍ତ କୁମାର ପଣ୍ଡା, ବ୍ଲକ ଉପାଧ୍ୟକ୍ଷା ପ୍ରତିନିଧି ଏମ୍. ନିରଞ୍ଜନ ରେଡ୍ଡୀ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ହିତ ଦୃଷ୍ଟିରୁ ମଧ୍ୟାହ୍ନଭୋଜନ ବ୍ୟବସ୍ଥାରେ ଉଦ୍ୟାନରୁ ଉତ୍ପନ୍ନ ପନିପରିବା ବ୍ୟବହୃତ କରାଯିବାକୁ ଏହି ଯୋଜନାରେ ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରତିନିଧି ଏସ୍. ଗାନ୍ଧୀ ଦୋରା, ସ୍କୁଲ ପରିଚାଳନା ସମିତି ସଭାପତି କୁରେଶୁ ରଣା, ୱାର୍ଡସଭ୍ୟ ଅର୍ଜୁନ ରଣାଙ୍କ ସମେତ ସହକାରୀ ଶିକ୍ଷକ ଏଲ୍. କୃଷ୍ଣମୂର୍ତ୍ତି ଦୋରା, ରାମଚନ୍ଦ୍ର ସେଠୀ, ପ୍ରଭାକର ଘଡେଇ, କପିଳ ପାଢ଼ୀ, ରୀନା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ବିଦ୍ୟାଳୟ କମିଟି ସଦସ୍ୟଙ୍କ ଦ୍ୱାରା ଚାରା ରୋପଣ କରାଯାଉଛି।

# ବିଶ୍ରାମାଗାର ପାଲଟିଛି ପାର୍କିଂ ଷ୍ଟାଣ୍ଡ, ଗୁହାଳ

ପାରଳାଖେମୁଣ୍ଡି,୧୦ା୧(ଡି.ଏନ୍.ଏ.)

ଗଜପତି ଜିଲାର ଏକମାତ୍ର ପୌରାଞ୍ଚଳ ପାରଳାଖେମୁଣ୍ଡି। ଜନସଂଖ୍ୟା ବଢୁଛି କିନ୍ତୁ ସେହି ଅନୁଯାୟୀ ବିକାଶ ହେଉନାହିଁ। ସ୍ଥାନୀୟ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ଯାତ୍ରୀ ବିଶ୍ରାମାଗାରରୁ ଏହା ସ୍ପଷ୍ଟ ଅନୁମେୟ। ଉକ୍ତ ବିଶ୍ରାମାଗାର ବହୁଦିନ ହେଲା ଜରାଜୀର୍ଣ୍ଣ ଅବସ୍ଥାରେ ରହିବା ପରେ ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ପୌର ପ୍ରଶାସନ ଭାଙ୍ଗି ଦେଇଥିଲା। ଏବେ ଉକ୍ତ ସ୍ଥାନ ଅଟୋରିକ୍ସା ଓ ଗାଡି ପାର୍କିଂସ୍ଥଳ ପାଲଟିଛି।

ଯାତ୍ରୀବାହୀ ବସ, ଅଟୋ ଓ ଟ୍ୟାକ୍ସି ସେଠାରେ ରହୁଥିବାରୁ ଯାତ୍ରୀମାନେ ଖରା ଓ ବର୍ଷାରୁ ରକ୍ଷା ପାଇବାକୁ ବିଶ୍ରାମାଗାରରେ ଆଶ୍ରୟ ନେଉଥିଲେ। କିନ୍ତୁ ଏହାକୁ ଭାଙ୍ଗିବା ପରେ ଯେପରି ପ୍ରଶାସନ ପୁର୍ନନିର୍ମାଣ କରିବାକୁ ଭୁଲି ଯାଇଛି। ଫଳରେ ଏହି ଖାଲି ସ୍ଥାନ ଉପରେ ଏବେ ଜମି ମାଫିଆଙ୍କ ନଜର ପଡିଲାଣି। ଡିଇଓ ଅଫିସ ସମ୍ମୁଖରେ ଦିନକୁ ଦିନ ଜବରଦଖଲ କରି ଯେପରି କ୍ୟାବିନ ପଡୁଛି ଆଉ କିଛିଦିନ ମଧ୍ୟରେ ଉକ୍ତ ବିଶ୍ରାମାଗାର ସ୍ଥାନ ମଧ୍ୟ ଜବରଦଖଲ ହେବା ସମ୍ଭାବନା ରହିଛି। ଏ ନେଇ ପାରଳାଖେମୁଣ୍ଡି ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ କହିଛନ୍ତି, ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ ଚାଲିଥିବାରୁ କେଉଁ ମାତ୍ରାରେ ରାସ୍ତା ପ୍ରଶସ୍ତିକରଣ ହେବ ଜଣାପଡୁନାହିଁ। ରାସ୍ତାକାମ ଶେଷହେବା ପରେ ଅତ୍ୟାଧୁନିକ ଶୈଳୀରେ ନୂତନ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ହେବ।


ବିଶ୍ରାମାଗାର ଆଗରେ ଅଟୋ ପାର୍କିଂ ହୋଇଛି।

ଖଜୁରିପଡ଼ା/ ବଲସକୁମ୍ପା (ଡି.ଏନ.ଏ.)-

ଖଜୁରିପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ ନିର୍ମାଣ ହୋଇଥିବା ଯାତ୍ରୀ ବିଶ୍ରାମାଗାର ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଦୂତିମେଣ୍ଡି ପଞ୍ଚାୟତ ସମ୍ମୁଖରେ ଥିବା ଯାତ୍ରୀ ବିଶ୍ରାମାଗାର ଗୋରୁ ଗୁହାଳ ଭଳି ଦେଖାଯାଉଛି। ଭିତରେ ଗୋବର ଭରି ହୋଇଛି। ସମ୍ପେପଦର ଠାରେ ଥିବା ବିଶ୍ରାମଗାର ନୂତନ ଭାବେ ନିର୍ମାଣ କରିବା ଆଳରେ ବହୁଦିନ ହେଲା ଭାଙ୍ଗି ଦିଆଯାଇଛି। ଦୂତିପଡା ଡୋଳାବାଲି ଛକଠାରେ ଥିବା ବିଶ୍ରାମଗାର ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏହାଭିତରେ ଭୋଜି ରାନ୍ଧିବାକୁ ଚୁଲା ରହିଛି। ସେହିପରି ବଲସକୁମ୍ପା ନବଗୁଡା ଛକରେ ଥିବା ବିଶ୍ରାମାଗାର ଦୀର୍ଘଦିନ ହେଲା ଅଧାପନ୍ତରିଆ ଭାବେ ପଡି ରହିଛି। ମା'ବରାଳ ଦେବୀ ଛକ ଏବଂ କଣ୍ଡିଆନାଳ ବ୍ରାହ୍ମଣ ସାହି ଛକଠାରେ ବିଶ୍ରାମାଗାର ନଥିବାରୁ ନୂତନ ଭାବେ ନିର୍ମାଣ କରିବାର ଆବଶ୍ୟକ ରହିଛି। ଯାତ୍ରୀ ବିଶ୍ରାମାଗାରର ଏଭଳି ଅବସ୍ଥା ଯୋଗୁ ଯାତ୍ରୀମାନେ ବାଧ ହୋଇ ଖରାବର୍ଷାରେ ଗାଡିକୁ ଅପେକ୍ଷା କରୁଛନ୍ତି। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଲେ ମଧ୍ୟ କେହି ଶୁଣୁନାହାନ୍ତି। ଯଥାଶୀଘ୍ର ଏସବୁ ବିଶ୍ରାମଗାର ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି।


ଜରାଜୀର୍ଣ୍ଣ ଯାତ୍ରୀ ବିଶ୍ରାମଗାର।

